# ଜିଲ୍ଲା ସ୍ତରୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମନ୍ୱୟ କମିଟି ବୈଠକ ।

ଅନୁଗୋଳ ୦୫.୦୩ :- ପ୍ରାକୃତିକ ବିପର୍ଯ୍ୟୟର ସଠିକ୍ ମୁକାବିଲା ନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମନ୍ୱୟ କମିଟିର ଏକ ବୈଠକ ଗତକାଲି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଦ୍ୱାରା ଆୟୋଜିତ ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରି ବିପର୍ଯ୍ୟୟ ପୂର୍ବରୁ ଓ ବିପର୍ଯ୍ୟୟ ସମୟରେ ଲୋକମାନଙ୍କର ଧନଜୀବନ କିପରି ସୁରକ୍ଷା ହୋଇପାରିବ ସେଥିନିମନ୍ତେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକ ବିଭାଗୀୟ କର୍ମଚାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରଖି ସଜାଗ ଓ ସତର୍କତା ଅବଲମ୍ବନ ପୂର୍ବକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ ଓ ଆଶ୍ରୟ ସ୍ଥଳରେ ବିଭିନ୍ନ ଆନୁସଂଗୀକ ବ୍ୟବସ୍ଥାର ସଠିକ୍ ପରିଚାଳନା ହୋଇପାରିବ ସେଥିପାଇଁ ଏହି ସମନ୍ୱୟ କମିଟୀ ଗଠିତ ହୋଇଛି । ସ୍ୱେଚ୍ଛାସେବୀମାନେ ଲୋକମାନଙ୍କ ସହ ସମ୍ପର୍କ ସ୍ଥାପନ କରି ସେମାନଙ୍କର ସହଭାଗିତାରେ ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକୁ ତ୍ୱରାନ୍ୱିତ ଭାବେ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକ ଦ୍ୱାରା ଗ୍ରାମ୍ୟ ସ୍ତରୀୟ ଯୋଜନା ପ୍ରସ୍ତୁତି,ଜନ ସଚେତନତା ଓ ଦକ୍ଷତା ବୃଦ୍ଧି ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଉଭୟ ସରକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକର ପ୍ରତିନିଧିମାନଙ୍କର ମିଳିତ ପ୍ରଚେଷ୍ଟାରେ ବିପର୍ଯ୍ୟୟକୁ ହ୍ରାସ କରାଯାଇପାରିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଗତ ୧୯୯୯ ମହାବାତ୍ୟା, ଫାଇଲିନ୍, ହୁଡ ହୁଡ ଓ ଫନି ଆଦି ପ୍ରାକୃତିକ ବିପର୍ଯ୍ୟୟକୁ ଓଡିଶା କିପରି ସଠିକ୍ ଭାବରେ ମୁକାବିଲା କରି ଆନ୍ତର୍ଜାତିୟ ସ୍ତରରେ ସୁନାମ ଅର୍ଜନ କରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଯୋଗ ଦେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକର ସମାଜ ପ୍ରତି ସର୍ବଦା ପ୍ରତିବଦ୍ଧତା ରହିଛି । ଯାହାକି ଶିକ୍ଷା,ସ୍ୱାସ୍ଥ୍ୟ ଏବଂ ବିପର୍ଯ୍ୟୟ ପରିଚାଳନାରେ ସେମାନେ ଦକ୍ଷତାର ସହିତ କାର୍ଯ୍ୟ କରୁଛନ୍ତି । ଗ୍ରାମ ସ୍ତରର ସୁକ୍ଷ୍ମ ଯୋଜନା ପ୍ରସ୍ତୁତି କରିବାରେ ଓ ଏହାକୁ ସଠିକ୍ ଭାବେ ଉପଯୋଗ କରି ବିପର୍ଯ୍ୟୟର ସଠିକ୍ ମୁକାବିଲା କରି ଲୋକମାନଙ୍କର ଧନ ଜୀବନ ସୁରକ୍ଷା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ବନ୍ୟା,ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ଦୁର୍ବିପାକ ଛଡା ସାପ କାମୁଡା,ବଜ୍ରପାତ, ପାଣିରେ ବୁଡିଯିବା ଓ ଅଂଶୁଘାତ ଜନିତ ମୃତ୍ୟୁ ଘଟୁଛି । ଏହି ଦୁର୍ବିପାକ ପାଇଁ ସରକାରଙ୍କର ସ୍ୱତନ୍ତ୍ର ରିଲିଫ କମିଶନର ଅନୁକମ୍ପା ରାଶି ପ୍ରଦାନ କରୁଛନ୍ତି । ଜିଲ୍ଲା ସ୍ତରୀୟ ସ୍ୱେଚ୍ଛାସେବୀ ସମନ୍ୱୟ କମିଟୀର ନୋଡାଲ ଅନୁଷ୍ଠାନ ଭାବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଫ୍ ଇ ଏସକୁ ଚୟନ କରାଗଲା । ଏହି ବୈଠକର ପ୍ରାରମ୍ଭରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଜାନକୀନାଥ ମିଶ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବିପର୍ଯ୍ୟୟ ପରିଚାଳନାରେ ସ୍ୱେଚ୍ଛାସେବୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଶେଷରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷର ଜିଲ୍ଲା ପରିଯୋଜନା ଅଧିକାରୀ ଶ୍ରୀ ପ୍ରଦୋଷ କୁମାର ଶତପଥି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଯୋଗ ଦେଇଥିଲେ ।


COURT OF THE COLLECTOR & DISTRICT MAGISTRATE
ANGUL
District Level NGO Coordination
Committee Meeting (DLNCC)
Venue- Court Chamber Of Collector, Angul
Date- 04.03.2020
Organized by- District Disaster Management Authority, (DDMA), Angul